### ବେଳାଭୂମିରେ ବନ ବିଭାଗ ପକ୍ଷରୁ ଡଲ୍‌ଫିନ୍ ଗଣନା ଆରମ୍ଭ

# ବିଭିନ୍ନ ପ୍ରଜାତିର ୧୫ ଡଲ୍‌ଫିନ୍ ଚିହ୍ନଟ





କୋଣାର୍କ,୨୦।୧(ସମିସ)

ମଙ୍ଗଳବାର କୋଣାର୍କ ବନ୍ୟପ୍ରାଣୀ ପକ୍ଷରୁ ୨ ଦିନିଆ ଡଲ୍‌ଫିନ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡଲ୍‌ଫିନ ଗଣନା ନିମନ୍ତେ ୩ଟି ୟୁନିଟ୍ ଗଠନ କରାଯାଇଛି। କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ବନପାଳ, ବନରକ୍ଷୀ ଓ ସ୍କ୍ୱାଡ୍‌ଙ୍କ ସମେତ ୨୦ କର୍ମଚାରୀ ଡଲ୍‌ଫିନ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟ ସଂଲଗ୍ନ ତଣ୍ଡାହରଠାରୁ କଅଁରପୁର, କଅଁରପୁରଠାରୁ ଚନ୍ଦ୍ରଭାଗା ବେଳାଭୂମି ଓ ଚନ୍ଦ୍ରଭାଗାଠାରୁ କୁଶଭଦ୍ରା ନଦୀର ରାମଚଣ୍ଡୀ ମୁହାଁଣ ଅଞ୍ଚଳରେ ୩ଟି ଦଳରେ ବିଭାଜିତ କର୍ମଚାରୀମାନେ ଉଚ୍ଚ ଜୁଆର କଡ଼େକଡ଼େ ଚାଲିଚାଲି ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଉପକୂଳରୁ ସମୁଦ୍ର ଗର୍ଭକୁ ପ୍ରାୟ ୫ଶହ ମିଟର ଦୂର ପର୍ଯ୍ୟନ୍ତ ଡଲ୍‌ଫିନଙ୍କ ଗତିବିଧି ନିରୀକ୍ଷଣ କରୁଛନ୍ତି। ଦୁଇଦିନିଆ ଗଣନା କାର୍ଯ୍ୟର ପ୍ରଥମ ଦିନରେ କଅଁରପୁରଠାରୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ମୁଖ୍ୟତଃ ଇରାୱାଡି ଓ ବଟଲ୍ ନୋଜ୍ ପ୍ରଜାତିର ୧୫ଟି ଡଲ୍‌ଫିନକୁ ବନ କର୍ମଚାରୀମାନେ ଚିହ୍ନଟ କରିଛନ୍ତି। ବର୍ଷତମାମ ଡଲ୍‌ଫିନ ଚିଲିକାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ସମୁଦ୍ର ଜଳରାଶିରେ ଯାତାୟାତ କରିଥାଆନ୍ତି। ତେବେ ଜାନୁଆରୀ ମାସରେ କୋକଲି ଜାତୀୟ ପ୍ରଚୁର ଚୁନା ମାଛ ଉଚ୍ଚ ଜୁଆର ଅଞ୍ଚଳରେ ଉପଲବ୍ଧ ହେଉଥିବାରୁ ଏହି ଚୁନାମାଛକୁ ଖାଇବା ପାଇଁ ଡଲ୍‌ଫିନଗୁଡ଼ିକ ଉପକୂଳ ଆଡ଼କୁ ଆସିଥାଆନ୍ତି। ଏଣୁ ଶୀତଦିନେ ଉଚ୍ଚ ଜୁଆର ଅଞ୍ଚଳରେ ଗୋଷ୍ଠୀ ବାନ୍ଧି ଡେଇଁ ଡେଇଁ ଯାଉଥିବା ଡଲ୍‌ଫିନଗୁଡ଼ିକ ଲୋକଲୋଚନକୁ ଆସିଥାଆନ୍ତି। ପର୍ଯ୍ୟଟକମାନଙ୍କୁ ଡଲ୍‌ଫିନଙ୍କ ଯାତାୟାତର ଦୃଶ୍ୟ ମନୋରଞ୍ଜନର ଖୋରାକ୍ ଯୋଗାଇଥାଏ। ଏହି ଗଣନା କାର୍ଯ୍ୟରେ ରାମଚଣ୍ଡୀ ବନପାଳ ତପନ ନାୟକ, ବନପାଳ ଭାବଗ୍ରାହୀ ସେଠୀ, କୋଣାର୍କ ବନପାଳ କାର୍ତ୍ତିକେଶ୍ୱର ମୁଣ୍ଡା, ରାକେଶ ପତି, ବନରକ୍ଷୀ ମାନସ ମୁଖି, ସସ୍ମିତା ସିଂ ଓ ରଶ୍ମିତା ପୃଷ୍ଟି ପ୍ରମୁଖ ସାମିଲ୍ ହୋଇଛନ୍ତି।

**ଅସ୍ତରଙ୍ଗ**

ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ୫ଟି ସେଗ୍‌ମେଣ୍ଟରେ ଆରମ୍ଭ ହୋଇଯାଇଛି ଡଲ୍‌ଫିନ ଗଣନା କାର୍ଯ୍ୟ। ଏହି କାର୍ଯ୍ୟ ପାଇଁ ୪ଟି ଟିମ୍ ପ୍ରସ୍ତୁତି କରାଯାଇଛି। ତଟବର୍ତ୍ତୀ ଅଞ୍ଚଳରେ ପାଦଚଲା ବା ସ୍ଥଳବାହିନୀର ଦୁଇଟି ଟିମ୍ ଓ ସମୁଦ୍ର, ନଦୀ ମଧ୍ୟରେ ଦୁଇଟି ଟିମ୍ ଅଛନ୍ତି। ୫ଟି ସ୍ଥାନରେ ଯଥା- ପୀର୍‌ଜାହାନିଆରୁ କେଲୁଣୀ ମୁହାଣ, ଜାହାନିଆରୁ ବେଶ୍ୱର୍, ଦେବୀ ମୁହାଣରୁ କାଦୁଆ ନଦୀ ଅଞ୍ଚଳ, ଦେବୀ ମାଉଥରୁ ଚନ୍ଦ୍ରଭାଗା, ଚନ୍ଦ୍ରଭାଗାରୁ ଅରଖକୁଦ, ଅରଖକୁଦରୁ ଚନ୍ଦ୍ରଭାଗା ଓ ଚନ୍ଦ୍ରଭାଗାରୁ ଦେବୀ ପର୍ଯ୍ୟନ୍ତ ଏହି ଗଣନା ହେଉଛି। ଏହି କାର୍ଯ୍ୟକ୍ରମରେ ଜଳପଥରେ ବିଭାଗର ବୋଟ୍, ଟ୍ରଲର ବ୍ୟବହାର କରାଯାଇଛି। ସମୁଦ୍ର ମଧ୍ୟରେ ଯେଉଁ ଉଚ୍ଚସ୍ଥାନ ରହିଛି ସେଠାରେ ମଧ୍ୟ ଚାଲିଚାଲି ଡଲ୍‌ଫିନ ଗଣନା କରାଯାଉଛି। ବନାଞ୍ଚଳ ଅଧିକାରୀଙ୍କ ସହିତ ସମସ୍ତ ବନପାଳ, ବନରକ୍ଷୀ ଓ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲୁରହିବ। ଶେଷ ଦିନ ସମୁଦାୟ ରିପୋର୍ଟ ଦାଖଲ ପରେ ଜିଲ୍ଲା ବନାଞ୍ଚଳ ଅଧିକାରୀ ସମ୍ପୂର୍ଣ୍ଣ ରିପୋର୍ଟ ଦେବେ ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି।

# ଚିଲିକାରେ ବିରଳ ପ୍ରଜାତିର ଇରାୱାଡ଼ି ଡଲ୍‌ଫିନ୍ ଗଣନା





କୃଷ୍ଣପ୍ରସାଦ/ବ୍ରହ୍ମଗିରି,୨୦।୧(ସମିସ): ମଙ୍ଗଳବାର ଚିଲିକାରେ ଦେଖାଯାଉଥିବା ବିରଳ ପ୍ରଜାତି ଇରାୱାଡ଼ି ଡଲ୍‌ଫିନର ଗଣନା ହେଉଛି। ସାତପଡ଼ା ରେଞ୍ଜ ଇଲାକାରେ ୮ଟି ଟିମ୍ ଓ ବାଲୁଗାଁ ରେଞ୍ଜ ଇଲାକାରେ ୧୦ଟି ଟିମ୍ ଏପରି ମୋଟ୍ ୧୮ଟି ଟିମ୍ ଗଠନ କରାଯାଇ ଗଣନା କାର୍ଯ୍ୟ ଜାରି ରହିଛି। ପ୍ରତି ଟିମ୍‌ରେ ୬ରୁ ଅଧିକ ଗଣନାକାରୀଙ୍କ ସହ ଗବେଷକ ଅଛନ୍ତି। ୧୮ଟି ଡଙ୍ଗା ନିୟୋଜିତ ହୋଇଛି। ସକାଳ ୬ଟାରୁ ଗଣନା କାର୍ଯ୍ୟ ଆରମ୍ଭ ହୋଇ ଦିନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏସିଏଫ୍ ସୌମ୍ୟରଞ୍ଜନ ସାହୁ, ବାରିପଦା କଲେଜ ପ୍ରାଣୀ ବିଜ୍ଞାନ ପ୍ରଫେସର ଚିତ୍ରସେନ ସେଠୀ, ପରିବେଶବିତ୍ ଧନେଶ୍ୱର ବିଧାର, ପକ୍ଷୀ ବିଶାରଦ ହୃଦାନନ୍ଦ ଜେନା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ବରିଷ୍ଠ ବୈଜ୍ଞାନିକ ଆର୍.ଏନ୍. ସାମଲ, ସିଡିଏର କନିଷ୍ଠ ଯନ୍ତ୍ରୀ ମାନଗୋବିନ୍ଦ ମହାନ୍ତି, ସାତପଡ଼ା ରେଞ୍ଜ ଅଧିକାରୀ ରଞ୍ଜନ କୁମାର ବେହେରା, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା, ନୂଆପଡ଼ା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା, ରମ୍ଭା ରେଞ୍ଜର ମାନସ ରଞ୍ଜନ ମହାପାତ୍ର, ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ସାତପଡ଼ା ବନପାଳ ସୁଜିତ ବେହେରା, ରାଜହଂସ ବନପାଳ ବିଶ୍ୱନାଥ ଟୁଡୁ, ଅରଖକୁଦା ବନପାଳ ପ୍ରଣୟ ଜୟସିଂହ, ନୂଆପଡ଼ା ବନପାଳ ରଶ୍ମୀ ରଞ୍ଜନ ନାୟକ, ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ, ନନ୍ଦଳା ବିଟ୍ ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ, ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନ ପରିବେଶବିତ୍ ଆକାଶ ରଥ, ସାତପଡ଼ା ଡିଗ୍ରୀ କଲେଜ ଅଧ୍ୟାପକ ପବିତ୍ର ମୋହନ ଦାସ, ବାବା ଗାଦିଶ୍ୱର ଦେବ ମୋଟର ବୋଟ୍ ଆସୋସିଏସନ ଗଙ୍ଗାଧରପୁର ସଭାପତି କୃଷ୍ଣ ଚନ୍ଦ୍ର ଜାଲି, ସମ୍ପାଦକ ବସନ୍ତ କୁମାର ଜାଲି, ଉପସଭାପତି କେଲୁ ଚରଣ ଜାଲି, କୋଷାଧ୍ୟକ୍ଷ ରଞ୍ଜନ କୁମାର ଜାଲି ପ୍ରମୁଖ ଗଣନାରେ ଭାଗ ନେଇଥିଲେ। ସିଡିଏର ଗବେଷକ, ବନ୍ୟପ୍ରାଣୀ ବିଭାଗର କର୍ମଚାରୀଙ୍କ ସହ ବିଭିନ୍ନ ବନ୍ୟପ୍ରାଣୀ ସୁରକ୍ଷା ସଂଗଠନର କର୍ମକର୍ତ୍ତା, ପରିବେଶବିତ୍ ଓ ଅନ୍ୟ ଗବେଷକମାନେ ମଧ୍ୟ ସାମିଲ୍ ହୋଇଥିବା ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି।

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିପିଏସ୍ ଟ୍ରାକ୍ ଓ ବାଇନାକୁଲାର ବ୍ୟବହାର କରାଯାଇଛି। ଲାଇନ୍ ଟ୍ରାଞ୍ଜିଟ୍ ପଦ୍ଧତି, ଜିପିଏସ୍ ଓ ଗ୍ଲୋବାଲ ପୋଜିସନିଂ ପଦ୍ଧତିରେ ଏହି ଗଣନା କାର୍ଯ୍ୟ ହୋଇଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଚାଲିବ ଗଣନାକାର୍ଯ୍ୟ। ମଙ୍ଗଳବାର ମିଳିତ ଭାବେ ଗଣନାକାରୀ ଗଣନା କରିବା ପରେ ଆଉ ୨ ଦିନ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ପୁନଃଗଣନା କରିବେ। ଗଣନା ସମୟରେ ଡଲ୍‌ଫିନ୍ ଚଳପ୍ରଚଳ କରୁଥିବା ସ୍ଥାନମାନଙ୍କରେ ଅନ୍ୟାନ୍ୟ ଡଙ୍ଗା ଚଳାଚଳ ଉପରେ ରୋକ୍ ଲଗାଯାଇଛି। ପର୍ଯ୍ୟଟକଙ୍କୁ ମଧ୍ୟ ଚିଲିକା ଯିବାକୁ ବାରଣ କରାଯାଇଛି।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର; ଶୋଇଛି ବିଦ୍ୟୁତ୍ ବିଭାଗ





ଅସ୍ତରଙ୍ଗ,୨୦।୧(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଦ୍ୟୁତ୍ ବିଭାଗ ଅଧୀନରେ ବିଭିନ୍ନ ସ୍ଥାନରେ ଥିବା ଅସୁରକ୍ଷିତ ଏବଂ ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜିଛି ବିଦ୍ୟୁତ୍ ବିଭାଗ। ଏହି ମୁକୁଳା ଟ୍ରାନ୍ସଫର୍ମର ସମ୍ପ୍ରସାରଣରେ ଆସି କୌଣସି ଦୁର୍ଘଟଣା ନ ଘଟୁ କି କୌଣସି ଧନ ଜୀବନ ହାନୀ ନ ଘଟୁ ସେଥିପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ପାଇଁ ସରକାର ଏବଂ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରହିଛି। ବିଡ଼ମ୍ବନାର ବିଷୟ ଯେ ଅସ୍ତରଙ୍ଗରୁ ଆଦିକନ୍ଦପୁର ଯିବା ରାସ୍ତାର ଆଦିକନ୍ଦପୁର ଗ୍ରାମ ପୂର୍ବରୁ ଥିବା ଟ୍ରାନ୍ସଫର୍ମର ସହିତ କନ୍ତପଏଁରା, ସିଲାରି ଏବଂ ଝାଡ଼ଲିଙ୍ଗ ଗ୍ରାମରେ ନିକଟରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରଗୁଡ଼ିକ ମୁଖ୍ୟ ରାସ୍ତାକଡ଼ରେ ଥିବାରୁ ସେହି ବାଟ ଦେଇ ଛୋଟ ଛୋଟ ସ୍କୁଲ ପିଲା, ହାଟକୁ ଆସୁଥିବା ବାଟୋଇ ନିତିଦିନ ଏହି ବାଟ ଦେଇ ଯିବାଆସିବା କରୁଥିବା ସତ୍ତ୍ୱେ ଏଥିପ୍ରତି କାହାର ନଜର ପଡୁନି। କେତେବେଳେ ଯେ କିଛି ଅଘଟଣ ଘଟି ନ ଯିବ ତାହା କହିବା ମୁସ୍କିଲ୍। ଦୀର୍ଘ ଦିନ ଧରି ଟ୍ରାନ୍ସଫର୍ମରଗୁଡ଼ିକ ମୁକୁଳା ପଡ଼ିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଅସ୍ତରଙ୍ଗ ବିଦ୍ୟୁତ୍ ବିଭାଗ ଅଧୀନରେ ଏହିପରି ଅନେକ ଟ୍ରାନ୍ସଫର୍ମର ମୁକୁଳା ପଡ଼ି ବିପଦକୁ ଅପେକ୍ଷା କରିଛି। ତେଣୁ ଲୋକଙ୍କ ହିତ ଦୃଷ୍ଟିରୁ ବିଦ୍ୟୁତ୍ ବିଭାଗ କେବେ ବିପଦସଂକୁଳ ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନାନ୍ତର କରୁଛି କି ବାଉଣ୍ଡାରୀ ନିର୍ମାଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

### ● ପିପିଲିରେ ଚୋରା ବାଲି ଜବତ ଘଟଣା

# ଖଣି ବିଭାଗ ପକ୍ଷରୁ ଜମି ମାଲିକଙ୍କୁ ନୋଟିସ୍

ପିପିଲି,୨୦।୧(ସମିସ): ଗତ ରବିବାର ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନା, ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ ଏବଂ ପିପିଲି ପୁଲିସର ମିଳିତ ସହଯୋଗରେ ଜବତ ବାଲିର ୫ଜଣ ମାଲିକଙ୍କୁ ପୁରୀ ଜିଲ୍ଲା ଖଣି ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଯେଉଁ ପ୍ଲଟ୍‌ରେ ପାହାଡ଼ ଭଳି ଜମା ହୋଇଥିବା ବାଲି ତଥା ସେହି ପ୍ଲଟ୍‌ର ମାଲିକ କିଏ ତା'ର ରେକର୍ଡ ବାହାର କରିବା ପାଇଁ ଉପଜିଲ୍ଲାପାଳ ପିପିଲି ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ନୂଆଶାସନ ଆର୍‌ଆଇ ୬ଟି ପ୍ଲଟ୍‌ରୁ ଗୋଟିଏ ପ୍ଲଟ୍ ଗୋଚର ଥିବାବେଳେ ଆଉ ୫ଟି ପ୍ଲଟ୍ ସ୍ଥିତିବାନ ବୋଲି ଚିହ୍ନଟ କରିଥିଲେ। ଆର୍‌ଆଇ ଖାତା ଓ ପ୍ଲଟ୍ ନମ୍ବର ଏବଂ ପ୍ରଜା ନାମ ଦେବା ପରେ ପିପିଲି ତହସିଲ୍‌ଦାର ଖଣି ବିଭାଗକୁ ଅବଗତ କରାଇଥିଲେ। ଉକ୍ତ ପ୍ଲଟ୍‌ଗୁଡ଼ିକରେ ମୋଟ୍ ୬୩୨୦ ଘନମିଟର ବାଲି ଜବତ ହୋଇଥିବା ଖଣି ବିଭାଗ ପକ୍ଷରୁ ଦର୍ଶାଯାଇଛି। ତେବେ ଖଣି ବିଭାଗ ପକ୍ଷରୁ ମଙ୍ଗଳବାର ଉକ୍ତ ୫ଟି ପ୍ଲଟ୍‌ର ଖାତା ନମ୍ବର, ପ୍ଲଟ୍ ନମ୍ବର ଉଲ୍ଲେଖ କରାଯାଇ ସର୍ବସାଧାରଣ ନୋଟିସ୍ ଜାରି କରାଯାଇଛି। ଖଣି ବିଭାଗ ପତ୍ର ସଂଖ୍ୟା ୧୩୭୦/୨୦.୧.୨୦୨୬ରେ ଦର୍ଶାଯାଇଛି, ଉକ୍ତ ପ୍ଲଟ୍‌ର ମାର୍ଫତ୍‌ଦାର ଏବଂ ବାଲି ଜମାକରି ରଖିଥିବା ଦାବିଦାରମାନେ ଦୁଇଦିନ ମଧ୍ୟରେ ତଥା ଆସନ୍ତା ୨୨ ତାରିଖ ସନ୍ଧ୍ୟା ମଧ୍ୟରେ ଉପସ୍ଥିତ ହୋଇ ସେମାନଙ୍କର ମତାମତ ରଖିବେ। ଆଇନମୋଦିତ ଦାବିଦାର ଉପସ୍ଥିତ ହୋଇ ନ ପାରିଲେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବନ୍ଦୋବସ୍ତ କରାଯିବ।

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତିରେ ସାମୂହିକ ଗାନ



ନିମାପଡ଼ା,୨୦।୧(ସମିସ): ନିମାପଡ଼ା ବ୍ଲକ୍ ଓ ଏନ୍‌ଏସି ତରଫରୁ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦେଶ ପ୍ରେମ ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ସାମୂହିକ ଗାନ କରାଯାଇଛି। ନିମାପଡ଼ା ଏନ୍‌ଏସି ତରଫରୁ ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପରିସରରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର କୁମାର ସ୍ୱାଇଁ, ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନେଡାଲ ଅଫିସର ଭାବେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ପ୍ରଶିକ୍ଷକ ଅଧ୍ୟାପିକା ବୈଷ୍ଣବୀ ମିଶ୍ର, ଶିକ୍ଷୟିତ୍ରୀ କ୍ଷଣପ୍ରଭା ମିଶ୍ର ଓ ରୀତାଞ୍ଜଳି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ସମସ୍ତ କଲେଜ ଓ ସ୍କୁଲର ବିଭିନ୍ନ ବିଭାଗ ସଙ୍ଗୀତ, ତର୍କ, ନୃତ୍ୟ, ଚିତ୍ରାଙ୍କନ, ଓଡ଼ିଆ, ଇଂରାଜୀ ପ୍ରବନ୍ଧ ଆଦିରେ କୃତିତ୍ୱ ହାସଲ କରିଥିବା ୩୦୦ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଓ ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ଏନ୍‌ଏସି ସହକାରୀ ଯନ୍ତ୍ରୀ ଇଂ ଅନାଥ ଚରଣ ସାହୁ, ବରିଷ୍ଠ କିରାଣି ଅମିତ୍ କୁମାର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବ୍ଲକ୍ ସଭାଗୃହରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବ୍ଲକ୍ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଏବିଇଓ ସୁଦର୍ଶନ ଭୋଇ, ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ମହାନ୍ତି, ପ୍ରସନ୍ନ କୁମାର ପ୍ରଧାନ, ବିନୟ ବିଶ୍ୱାଳ, ଜ୍ୟୋତିରଞ୍ଜନ ରଥ, ରଶ୍ମୀ ରଞ୍ଜନ ଜେନା, ମନ୍ମଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ସିନିୟର ଓ ଜୁନିୟର ୮ଟି ବିଭାଗର ୨୪ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଏଥିରେ ଭାଗନେଇଥିବା ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ଜାନକିଲତା ମୁଦୁଲି, ଅମୀୟ ସ୍ୱାଇଁ, ରବୀନ୍ଦ୍ର କୁମାର ତ୍ରିପାଠୀ, ଲିଙ୍ଗରାଜ ନାୟକଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ସିଆର୍‌ସିସି ଯୋଗଦେଇ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ୍ ବିଏସ୍‌ଏସ୍‌ଓ ଜୟକୃଷ୍ଣ ସ୍ୱାଇଁ ସଂଯୋଜନା କରିଥିବାବେଳେ ଶିକ୍ଷକ ତ୍ରିଲୋଚନ କର ମଞ୍ଚ ପରିଚାଳନା କରିଥିଲେ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସୁପର ଓଭରରେ କାକଟପୁର ବିଜୟୀ




ସାକ୍ଷୀଗୋପାଳ,୨୦।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ତୃତୀୟ ଦିନରେ ପିପିଲିର ସନ୍‌ସାଇନ୍ ଓ କାକଟପୁରର ମଙ୍ଗଳା କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଖେଳପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମଙ୍ଗଳା କ୍ଲବ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ଦୁର୍ଗାପ୍ରସାଦ ବେହେରାଙ୍କ ୮୬ ରନ୍ ସହାୟତାରେ ୨୪୦ ରନ୍ ସଂଗ୍ରହ କରିଥିଲା। ପିପିଲି ତରଫରୁ ତୋଫାନ ଗୌଡ଼ ୨ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପିପିଲି ଦଳ ମଧ୍ୟ ନିର୍ଦ୍ଧାରିତ ଓଭରରେ ଓମ୍‌କାର ସିଂ ୬୨ ଓ ଶୁଭମ୍ ଶେଖର ନାୟକଙ୍କ ୪୨ ରନ୍ ସହାୟତାରେ ସମାନ ୨୪୦ ରନ୍ କରି ମ୍ୟାଚ୍‌ଟିକୁ ସୁପର ଓଭରକୁ ନେଇଯାଇଥିଲେ। ମଙ୍ଗଳା କ୍ଲବ୍ ତରଫରୁ ସ୍ୱାଗତ ସତ୍ୟମ୍ ୫ ୱିକେଟ୍ ହାସଲ କରିଥିଲେ। ସୁପର ଓଭରରେ ପିପିଲି ଦଳ ପ୍ରଦତ୍ତ ୧୧ ରନ୍‌ର ଲକ୍ଷ୍ୟକୁ ମଙ୍ଗଳା କ୍ଲବ୍ ଗୋଟିଏ ବଲ୍ ବାକି ଥାଇ ହାସଲ କରି ନେଇ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ବାରିଶ ମିଶ୍ର ଓ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିଲେ। ଶେଷରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଦୁର୍ଗାପ୍ରସାଦ ବେହେରା ଓ ସ୍ୱାଗତ ସତ୍ୟମ୍‌ଙ୍କୁ ଯୁଗ୍ମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ବରିଷ୍ଠ ଶିକ୍ଷାବିତ୍ ରବୀ ନାରାୟଣ ମହାନ୍ତି ପ୍ରଦାନ କରିଥିଲେ।

# ସହକାରୀ ଯନ୍ତ୍ରୀ ସମ୍ବର୍ଦ୍ଧିତ



କଣାସ,୨୦।୧(ସମିସ): କଣାସ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ଜଗନ୍ନାଥ ରାଉତଙ୍କୁ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ଆସୋସିଏସନର ୮୦ତମ ବାର୍ଷିକ ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ସଭାପତି ଜ୍ଞାନ ରଞ୍ଜନ ଗୁରୁ, ମକର ବେହେରା ଜୋନ୍ ସମ୍ପାଦକ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ରାଉତଙ୍କୁ ତାଙ୍କର ବିଶେଷ କାର୍ଯ୍ୟଦକ୍ଷତା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି।

# ଲକ୍ଷ୍ମୀନାରାୟଣପୁର ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

ପିପିଲି,୨୦।୧(ସମିସ): ମଙ୍ଗଳବାର ପିପିଲି ବ୍ଲକ୍ ଅନ୍ତର୍ଗତ ବିଲିପଡ଼ାଠାରେ ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିବା ସହିତ ଆୟୋଜିତ ସଭାରେ ଯୋଗଦେଇ ଚାଷୀଙ୍କ ଧାନ କିପରି ସୁବିଧାରେ ମିଲର ଉଠାଇବେ ସେ ସମ୍ପର୍କରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଉପସ୍ଥିତ ଚାଷୀଙ୍କୁ ଭରସା ଦେଇଥିଲେ। ଏହା ସହିତ ଆଗାମୀ ଦିନରେ ଗ୍ରାମାଞ୍ଚଳର ବିକାଶରେ ସମବାୟ ସମିତିର ପ୍ରମୁଖ ଭୂମିକା ରହିବ ବୋଲି କହିଥିଲେ। ତତ୍‌ସହିତ ଏହି ସମବାୟ ସମିତିର ରହିଥିବା ଘର ଏବଂ ସମ୍ପାଦକ ନ ଥିବା ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ସମିତିର ସଭାପତି ଗଙ୍ଗାଧର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ପୁରୀ ଜିଲ୍ଲାର ସରକାରୀ ପାଣ୍ଠିଗୁଡ଼ିକୁ ଯଦି ସମବାୟ ବ୍ୟାଙ୍କରେ ଜମା ରହନ୍ତା, ତେବେ ବ୍ୟାଙ୍କ ଆଗେଇ ପାରନ୍ତା ବୋଲି କହିଥିଲେ। ପିପିଲି ଆମ୍‌ର ଅଧ୍ୟକ୍ଷ ସୁବୋଧ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ସୁଭାଶିଷ ରଥ, ସମାଜସେବୀ ଦୀନବନ୍ଧୁ ବେହୁରା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ଚାଷୀଙ୍କ ସମସ୍ୟା ଏବଂ ସମବାୟ ସମିତିର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟିଗୋଚର କରିଥିଲେ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

କଣାସ,୨୦।୧(ସମିସ): କଣାସ ବ୍ଲକ୍ ସାହୁପଡ଼ା ପଞ୍ଚାୟତ ଅନ୍ତର୍ଗତ ଅଞ୍ଜିରା ଗ୍ରାମର ରାମଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା ସୁରଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଗୀତାଯଜ୍ଞ, ସତ୍‌ସଙ୍ଗ କଣାସ ମଞ୍ଚ ତରଫରୁ ଗୀତାପାଠ କରାଯାଇଥିଲା। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୭୨ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେ ଜଣେ ବନ ବିଭାଗର କର୍ମଚାରୀ ଥିଲେ। ସେ ଜଣେ ମେଳପୀ, ପରୋପକାରୀ, ମିଷ୍ଟଭାଷୀ, ଦରଦି ମଣିଷ ଥିବା ସହିତ ଗ୍ରାମ ରାମଲୀଳାରେ ବିଭିନ୍ନ ଚରିତ୍ରରେ ଅଭିନୟ ମଧ୍ୟ କରୁଥିଲେ। ଶରତ ଚନ୍ଦ୍ର ବଳିୟାରସିଂହ, କମଳଲୋଚନ ପ୍ରଧାନ, ବିରଞ୍ଚି ନାରାୟଣ ତ୍ରିପାଠୀ, ଅଜୟ ସେଠୀ, ଇନ୍ଦ୍ରମଣି ଶ୍ରୀଚନ୍ଦନ, ବିଦ୍ୟାଧର ବିଶ୍ୱାଳ, ଯୁଧିଷ୍ଠିର ସାମନ୍ତରାୟ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ତାଙ୍କର ସ୍ମୃତିଚାରଣ କରିଥିଲାବେଳେ ମନୋଜ ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ ଦାବି

# ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ



ସାକ୍ଷୀଗୋପାଳ,୨୦।୧(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମ ଗ୍ରାମ ପଞ୍ଚାୟତର ଜାଗେଶ୍ୱରୀ ବିଦ୍ୟାପୀଠରେ କାର୍ଯ୍ୟରତ କ୍ରୀଡ଼ା ଶିକ୍ଷୟିତ୍ରୀ ଜୟଶ୍ରୀ ପଣ୍ଡାଙ୍କ ବଦଳି ବାତିଲ୍ ଦାବି କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଙ୍ଗଳବାର ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଆକ୍ରୋଶମୂଳକ ଭାବେ ଷଡ଼ଯନ୍ତ୍ର କରି ଆମ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିବାରୁ ଏହି ଆଦେଶ ପ୍ରତ୍ୟାହାର କରି ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ। ଏପରିକି କିଛି ଅଭିଭାବକ ଛାତ୍ରଛାତ୍ରୀମାନଙ୍କ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଛାତ୍ରଛାତ୍ରୀମାନଙ୍କ କହିବା ଅନୁସାରେ, ଜୟଶ୍ରୀ ପଣ୍ଡା କ୍ରୀଡ଼ା ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ସେ ଶ୍ରେଣୀରେ ମଧ୍ୟ ପାଠ ପଢ଼ାନ୍ତି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନାଙ୍କର ଆମ ବିଦ୍ୟାଳୟକୁ ବଦଳି ହୋଇଛି। ଆମ କ୍ରୀଡ଼ା ଶିକ୍ଷୟିତ୍ରୀ ଜୟଶ୍ରୀ ପଣ୍ଡାଙ୍କର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳକୁ ବଦଳି ହୋଇଛି। ସୋମବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳର ଛାତ୍ରୀମାନେ ତାଙ୍କ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ ଦାବି କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଆମେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଭୟ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ୍ ଦାବି କରୁଛୁ। ଖବରପାଇ ସତ୍ୟବାଦୀ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଛାଟୋଇ ମୋତିଲାଲ ରାୟଙ୍କ ସହିତ ଅନ୍ୟ ଅଧିକାରୀମାନେ ଆନ୍ଦୋଳନ ଚଳାଇଥିବା ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ପରବର୍ତ୍ତୀ ଆଦେଶ କ୍ରମେ ପଦକ୍ଷେପ ନେବାକୁ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



### ଆଖିରେ ଅନ୍ଧପୁଟୁଳି ବାନ୍ଧିଛି କୃଷି ବିଭାଗ

# କେଳେଙ୍କାରୀରେ ଜଡ଼ିତ ଏନ୍‌ଜିଓକୁ ସିଆର୍‌ଏଫ୍‌ଏମ୍ ପ୍ରୋଜେକ୍ଟ

ନୟାଗଡ଼,୨୦।୧(ସମିସ)

ନୟାଗଡ଼ ଜିଲ୍ଲା କୃଷି ବିଭାଗ ଆଖିରେ ଅନ୍ଧପୁଟୁଳି ବାନ୍ଧିଛି। କେଳେଙ୍କାରୀରେ ଜଡ଼ିତ ଏନ୍ଜିଓକୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉଛି । ଜିଲ୍ଲା ପ୍ରଶାସନ ଚାପ କହି କୃଷି ବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଉଥିବା ବେଳେ ଜିଲ୍ଲାରେ କୃଷି ଓ କୃଷକର ଉନ୍ନତୀ ବଦଳରେ ଏନ୍ଜିଓଙ୍କ ସ୍ୱାର୍ଥ ସାଧନ ହେଉଛି । ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ମୁଗ, ବିରି ଚାଷ ପ୍ରତି ଚାଷୀଙ୍କୁ ଆକୃଷ୍ଟ କରିବା, ଉତ୍ପାଦନ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରାଯିବାକୁ ବ୍ୟବସ୍ଥା ହୋଇଛି। କମ୍ପ୍ରେସିଭ୍ ରାଇସ୍ ଫେଲୋ ମ୍ୟାନେଜମେଣ୍ଟ (ସିଆର୍‌ଏଫ୍‌ଏମ୍) ଯୋଜନା କାର୍ଯ୍ୟକାରୀ କରିବାକୁ ଏକ ଏନଜିଓକୁ ଦାୟିତ୍ୱ ଦେବାକୁ ନିୟମ ରହିଛି। ୨୦୨୫-୨୬ ମସିହାରେ ଏହି କାର୍ଯ୍ୟ ସମାପନ ପାଇଁ କିଛିଦିନ ତଳେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଅନେକ ଏନ୍ଜିଓ କାର୍ଯ୍ୟ କରିବାକୁ ଆଗ୍ରହୀ ଥିଲେ । ଓସୱାନ୍, ନିଗମ, ସିଲ୍ ବାଇ




ଟେକ୍, ଇକୋ ସଲ୍ୟୁସନ୍ ଭଳି ଅନେକ ଏନଜିଓ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ପକାଇଥିଲେ । ଏନଜିଓ ଗୁଡ଼ିକର ଗୁଣବତ୍ତା ଯାଞ୍ଚ କରାଯିବା ବଦଳରେ କମ ମୂଲ୍ୟରେ ଟେଣ୍ଡର ପକାଇଥିବା ଇକୋ ସଲ୍ୟୁସନକୁ ଏହି କାର୍ଯ୍ୟ କରିବାକୁ ଅନୁମତି ଦେବା ଲାଗି କୃଷି ବିଭାଗ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା କୃଷି ବିଭାଗ ଅଧିନରେ ଅନେକ ପ୍ରୋଜେକ୍ଟ ନେଇ କେଳେଙ୍କାରୀ କରିଥିବା ଇକୋ ସଲ୍ୟୁସନ୍ ୫୦ ପ୍ରତିଶତରୁ

**● ୫୦ ପ୍ରତିଶତ କମ ମୂଲ୍ୟରେ କେମିତି ହେବ କାର୍ଯ୍ୟ**
**● ସରକାରୀ ଅର୍ଥକୁ ପାଣିରେ ପକାଇବାକୁ ଯୋଜନା**

କମ ମୂଲ୍ୟରେ କାମ ହାତେଇ କିଭଳି କାର୍ଯ୍ୟ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୪ ଲକ୍ଷ ଟଙ୍କାରେ ବର୍ଷକ ପାଇଁ ଏହି କାର୍ଯ୍ୟ କରିବାକୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଥିବା ବେଳେ ଇକୋ ସଲ୍ୟୁସନ୍ ମାତ୍ର ୧୧ ଲକ୍ଷ ଟଙ୍କାରେ ଏହି କାମ ହାତେଇ 'ମାଣ୍ଡିଆ' ଭଳି କାଗଜ ଚାଷ କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶ୍ରୀ ଅନ୍ନ ଅଭିଯାନ ଦାୟିତ୍ୱରେ ଥିବା ଇକୋ ସଲ୍ୟୁସନ୍ ବିଗତ ଦିନରେ କାଗଜ ପତ୍ରରେ ମାଣ୍ଡିଆ ଚାଷ ହେଉଥିବା ନେଇ 'ସକାଳ' ଗ୍ରାଉଣ୍ଡ ଜିରୋରୁ ତଦନ୍ତ କରି ଜିଲ୍ଲାବାସୀଙ୍କୁ ଅବଗତ କରିଥିଲା। କୃଷି ବିଭାଗ ମଧ୍ୟ ଓଡ଼ଗାଁ ବ୍ଲକରେ କେବଳ କାଗଜପତ୍ରରେ ମାଣ୍ଡିଆ ଚାଷ ହୋଇଥିବା ନେଇ ସ୍ପଷ୍ଟ ହୋଇଥିଲା ।

ଏହି ଏନଜିଓକୁ ବିଗତ ଦିନରେ ପିକେଭିୱାଇ(ପରମ୍ପରା ଗତ କୃଷି ବିକାଶ ଯୋଜନା) ଦାୟିତ୍ୱ ଦିଆଯାଇଥିଲା । ଜିଲ୍ଲାରେ କୌଣସି କାର୍ଯ୍ୟ ନକରି ଉକ୍ତ ସଂସ୍ଥା କୃଷି ବିଭାଗକୁ ୭୫ ଲକ୍ଷ ଟଙ୍କାର ବିଲ୍ ଦେଇଥିଲା। କିଛି ନ୍ୟସ୍ତ ସ୍ୱାର୍ଥ କୃଷି କର୍ମଚାରୀଙ୍କୁ ହାତବାରିଶ୍ କରି ଫାଇଲ୍ ତତ୍କାଳୀନ ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କ ଟେବୁଲକୁ ଆସିଥିଲା । ଜିଲ୍ଲାପାଳ ଘଟଣାର ଅନୁସନ୍ଧାନ କରି ଫାଇଲ୍ ଫେରାଇବା ସହ ବିଲ୍ ପ୍ରଦାନ କରିବାକୁ ମନା କରିଥିବା ସୂଚନା ମିଳିଛି। ଦଶପଲ୍ଲା ବ୍ଲକରେ ମକା ମିଶନ ଦାୟିତ୍ୱରେ ରହି ଇକୋ ସଲ୍ୟୁସନ୍ କୋଣସି କାର୍ଯ୍ୟ ସଠିକ ଭାବେ କରିନଥିବା ମଧ୍ୟ ଅଭିଯୋଗ ହୋଇଥିଲା। କୃଷି ଉନ୍ନତୀ ପାଇଁ କୌଣସି କାର୍ଯ୍ୟ ନକରି କେବଳ କାଗଜ ଚାଷ କରୁଥିବା ଏନଜିଓକୁ ପୁଣି ଏକ ଦାୟିତ୍ୱ ଦେବାକୁ କୃଷି ବିଭାଗ କରିଥିବା ଯୋଜନାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ଜାଣିଶୁଣି କେଳେଙ୍କାରୀରେ ସମ୍ପୃକ୍ତ ଏକ ସଂସ୍ଥାକୁ ବାରମ୍ବାର ଦାୟିତ୍ୱ ଦେବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂଙ୍କୁ ପଚାରିବାରେ, ଆମେ ସୀମା ମଧ୍ୟରେ ରହି ସରକାରୀ ନିୟମ ଅନୁସାରେ କାର୍ଯ୍ୟ କରୁଛୁ ବୋଲି କହିଛନ୍ତି ।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ୭ ନଂ ଟନେଲରେ ଫାଟ



ବୌଦ୍ଧ,୨୦।୧(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ନିର୍ମାଣାଧୀନ ୭ ନମ୍ବର ଟନେଲରେ ଫାଟ ଦେଖାଯାଇଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କରଞ୍ଜିକଟା ପଞ୍ଚାୟତ ତିଳକୂପ ନିକଟରେ ନିର୍ମାଣ ଚାଲିଥିବା ଏହି ଟନେଲର ଚଟାଣରେ ଏଭଳି ଫାଟ ଦେଖିବାକୁ ମିଳିଛି। ନୂତନ ଭାବେ ନିର୍ମିତ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଂରଚନାରେ ଫାଟ ସୃଷ୍ଟି ହେବା ଠିକା ସଂସ୍ଥାର କାର୍ଯ୍ୟଦକ୍ଷତା ଏବଂ ନିର୍ମାଣର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇଷ୍ଟକୋଷ୍ଟ ରେଳ ବିଭାଗ ଜେନେରାଲ ମ୍ୟାନେଜର ପରମେଶ୍ୱର ଫଙ୍କୱାଲ ଏହି ଅଞ୍ଚଳ ଗସ୍ତ କରି ଟନେଲର କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଟନେଲ ବୁଲି ଦେଖିଥିଲେ। ଏହା ସରଫେସରେ ଏକ ଛୋଟ ଫାଟ ବୋଲି ସେ ପ୍ରାଥମିକ ଭାବେ କହିଥିବା ବେଳେ ଏହାର ତୁରନ୍ତ ଯାଞ୍ଚ ପାଇଁ ଉପସ୍ଥିତ ରେଳ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଟନେଲ ନିକଟବର୍ତ୍ତୀ ସ୍ଥାନରେ ରେଳପଥ ନିର୍ମାଣ ପାଇଁ ବଡ଼ବଡ଼ ପଥର ଫଟାଯାଉଛି। ଏହି ପଥର ଫଟାଇବା ପାଇଁ ବ୍ୟବହୃତ ହେଉଥିବା ବ୍ଲାଷ୍ଟିଂ ଯୋଗୁଁ ଟନେଲରେ ଫାଟ ସୃଷ୍ଟି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏହି ସାମାନ୍ୟ ଫାଟ ବିପଦଜନକ ନୁହେଁ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

### ସହର ମଧ୍ୟରେ ବେଆଇନ ପାର୍କିଂ

## ନୋଟିସ୍ ପରେ ଲାଗିଲା ଜରିମାନା



ନୟାଗଡ଼,୨୦।୧(ସମିସ): ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ବେଆଇନ ପାର୍କିଂକୁ ନେଇ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗକୁ ନେଇ ଏକ ଟିମ୍ ଗଠନ କରିଥିଲେ। ଆଜି ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ପାର୍କିଂ କରିଥିବା ବସ, ଟ୍ରକ ସମେତ ଚାରିଚକିଆକୁ ଜରିମାନା କରିଥିବା ସୂଚନା ମିଳିଛି।

ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଉପସ୍ଥିତ ରହିଥିବା ବେଳେ ପୌର ପରିଷଦ ଏନଫୋର୍ସମେଣ୍ଟ ଟିମ୍, ପରିବହନ ବିଭାଗ ଓ ପୁଲିସ ସାମିଲ ହୋଇଥିଲେ । ନୟାଗଡ଼ ସହରର ରାସ୍ତାପାଶ୍ୱର୍ରେ ଦୀର୍ଘଦିନ ଧରି ରଖା ଯାଇଥିବା ୮ଟି ଗାଡ଼ିକୁ ଜରିମାନା କରାଯାଇଥିବା ତହସିଲଦାରଙ୍କଠାରୁ ସୂଚନା ମିଳିଛି । ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି। ବେଆଇନ ପାର୍କିଂ ଦ୍ୱାରା ରାସ୍ତା ଗୁଡ଼ିକ ସଙ୍କୀର୍ଣ୍ଣ ହୋଇ ଯାଉଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଉଛି । ବାରମ୍ବାର ଅଭିଯୋଗ ପରେ କେହି ପଦକ୍ଷେପ ଗ୍ରହଣ କରୁନଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ଚଢ଼ାଉ ହେବା ପରେ ସହରବାସୀ ଖୁସି ହୋଇଛନ୍ତି ।

### ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍କୁଶ; ବାଜିଲା ଜିଲ୍ଲାପାଳଙ୍କ ଛାଟ୍

## ୧୦ଟା ସୁଦ୍ଧା କାର୍ଯ୍ୟାଳୟ; ସବୁଠି ଲାଗିବ ବାୟୋମେଟ୍ରିକ୍

ନୟାଗଡ଼,୨୦।୧(ସମିସ): ନୟାଗଡ଼ ଜିଲ୍ଲାରେ ଅଧିକାରୀ ଓ କର୍ମଚାରୀମାନେ ନୟାଗଡ଼ରେ ନରହି ଭୁବନେଶ୍ୱର ଯିବା, ଦିନ ୧୧ଟା ସୁଦ୍ଧା କାର୍ଯ୍ୟାଳୟ ନଆସିବାକୁ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଜିଲ୍ଲାପାଳ ମଧୁମିତା ରଥ ଘଟଣାକୁ ଗୁରୁତର ସହ ନେଇଛନ୍ତି । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ସମସ୍ତ ବିଭାଗ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତା ୧୯.୦୧.୨୦୨୬ ରିଖ ଅର୍ଡ଼ର ନଂ ୨୪୬ ଅନୁସାରେ କାର୍ଯ୍ୟାଳୟକୁ ଆସିବା ପାଇଁ ସମୟାନୁବର୍ତ୍ତିତା ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ସକାଳ ୧୦ଟା ସୁଦ୍ଧା ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାପନ କାର୍ଯ୍ୟକାରୀ କରିବାକୁ ବାଧ୍ୟତା ମୂଳକ କରାଯାଇଛି। ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମାଧ୍ୟମରେ ଉପସ୍ଥାନ ନିଶ୍ଚିତ କରିବାକୁ କୁହାଯାଇଛି। ଏହା ସହିତ

**■ ବିନାନୁମତିରେ ମୁଖ୍ୟାଳୟ ଛାଡ଼ିବେନି**
**■ ଅମାନ୍ୟ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ**

ବିନା ଅନୁମତିରେ କୌଣସି କର୍ମଚାରୀ ଓ ଅଧିକାରୀ ଛୁଟିରେ ନଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟାଳୟ ଛାଡ଼ିବାକୁ ହେଲେ ଜିଲ୍ଲାପାଳଙ୍କଠାରୁ ଲିଖିତ ଅନୁମତି ନେବାକୁ ପରାମର୍ଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ କୌଣସି ଅଧିକାରୀ ଓ କର୍ମଚାରୀ ଅମାନ୍ୟ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ରହିଛି । ନୟାଗଡ଼ ଜିଲ୍ଲାରେ ଚାଲିଥିବା ମନମାନୀ ଉପରେ ଏହି ନିର୍ଦ୍ଦେଶ ଅଙ୍କୁଶ ଲଗାଇବ ବୋଲି ଚର୍ଚ୍ଚା ହେଉଛି। ଏଠାରେ ପ୍ରକାଶ ଯୋଗ୍ୟ, ତା ୧୪.୮.୨୦୨୪ ରିଖ ଚିଠି ନଂ ୧୫୨୬ ଅନୁସାରେ ତତ୍କାଳୀନ ଜିଲ୍ଲାପାଳ ଯେଉଁ ଅଧିକାରୀ ଛୁଟି ନେଉଛନ୍ତି ସେମାନେ ଜିଲ୍ଲାପାଳଙ୍କଠାରୁ ଅନୁମତି ଆଣି ଜିଲ୍ଲା ଛାଡିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରି ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଜିଲ୍ଲା ଛାଡୁଥିଲେ । ଅନେକ ସରକାରୀ କାର୍ଯ୍ୟାଳୟରେ ଦିନ ୧୧ଟା ପର୍ଯ୍ୟନ୍ତ ଚୌକି ଖାଲି ପଡୁଥିବା ବେଳେ କିଛି ସରକାରୀ ଅଧିକାରୀ ଭୁବନେଶ୍ୱର ଯାଆସ କରିବାକୁ ସରକାରୀ ଗାଡ଼ି ମଧ୍ୟ ବ୍ୟବହାର କରୁଛନ୍ତି ।

## ବିଧାୟକଙ୍କ ଜନଶୁଣାଣି ଶିବିର

ଭାପୁର,୨୦।୧(ସମିସ): ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମଙ୍ଗଳବାର ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ୍ ୭୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ମୁଖ୍ୟତଃ ଭତ୍ତା, ରାସନକାର୍ଡ ନେଇ ଅଭିଯୋଗ ଆସିଥିଲା।

ଏହି ଶିବିରରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲ୍‌ଦାର ଲୋପାମୁଦ୍ରା ରଥ, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ, ୧୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ୨୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ, ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅମିତ ବେହେରା, ଡା. ବିଶ୍ୱନାଥ ସାହୁ, ଜୟକାନ୍ତ ବଳିୟାରସିଂହ, ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁପ୍ରସାଦ ଶତପଥୀ, ଅନ୍ୟ ବିଭାଗୀୟ ଅଧିକାରୀ ଭାଗ ନେଇଥିଲେ।

### ● ବଢ଼ିଲା ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ପାଇଁ ଅଡୁଆ

## ପୁଲିସ ମହାନିର୍ଦ୍ଦେଶକଙ୍କୁ ଫେରାଦ ପୀଡ଼ିତା

କଟକ/ନୟାଗଡ଼,୨୦।୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ପାଇଁ ଅଡୁଆ ବଢ଼ିଛି। ଏସ୍‌ଡିପିଓଙ୍କ ମନମୁଖୀ କାର୍ଯ୍ୟ ସମେତ ଜଣେ ପୀଡ଼ିତାଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ନିର୍ଯ୍ୟାତନା ଦେବା ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ ହୋଇଛି। ଫତେଗଡ଼ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଜଣେ ଯୁବତୀ ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ପରିବାର ସହ ଉକ୍ତ ଗ୍ରାମର ଅନ୍ୟ ଏକ ପରିବାର ମଧ୍ୟ ବାଦବିବାଦ ରହିଥିଲା। ଯାହାକୁ ନେଇ ଉକ୍ତ ପରିବାରର ୩ ପୁଅ ଅକ୍ରୁର ଦଳେଇ, ମାଧବ ଦଳେଇ, ଅଭିରାମ ଦଳେଇ ତାଙ୍କୁ ମାନସିକ ଓ ଶାରୀରିକ ଭାବେ ଆକ୍ରମଣ କରୁଥିଲେ। ଏନେଇ ପୀଡ଼ିତା ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ପଞ୍ଜିକୃତ କରାଯାଇନଥିବାରୁ ସେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ। ଯାହାକୁ ନେଇ ଖଣ୍ଡପଡ଼ା ଏସ୍ଡିପିଓ ତାଙ୍କୁ କାର୍ଯ୍ୟାଳୟକୁ ଡାକି ଧମକ ଦେବା ସହ ଲାଞ୍ଚ ମାଗିବା ଏବଂ ଅନୈତିକ କାର୍ଯ୍ୟ କରିବାକୁ ବାଧ୍ୟ କରିଥିବା ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ଼ ଏସ୍ପିଙ୍କୁ ଏନେଇ ଅବଗତି କରାଯାଇଥିବା ସୂଚନା ମିଳିଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ପୀଡ଼ିତାଙ୍କୁ ନୟାଗଡ଼ ଏସ୍ପିଙ୍କୁ ସାକ୍ଷାତ କରିବାକୁ ପରାମର୍ଶ ଦିଆଯାଇଛି ।

### ● ଗଞ୍ଜେଇ ଗାଡ଼ି ଦୁର୍ଘଟଣା

## ମାଫିଆ ଫେରାର୍; ୪୧ କିଲୋ ଗଞ୍ଜେଇ ଜବତ

ଗଣିଆ,୨୦।୧(ସମିସ): ଗଣିଆ ବ୍ଲକ୍ କାଳିକା ପ୍ରସାଦ ଗ୍ରାମରେ ଏକ ଶାଗୁଆନ ଗଛରେ ଗଞ୍ଜେଇ ଗାଡ଼ି ଦୁର୍ଘଟଣା କରି ମାଫିଆ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଗାଡ଼ିରୁ ୨ ବସ୍ତା ଗଞ୍ଜେଇ ଜବତ କରାଯାଇଛି। ମଙ୍ଗଳବାର ଦଶପଲ୍ଲା ପଟରୁ ଏକ କାର୍ ଦ୍ରୁତ ଗତିରେ ଆସୁଥିବାବେଳେ ଅଚାନକ କାଳିକାପ୍ରସାଦ ଗ୍ରାମ ଭିତରେ ପଶିଯାଇଥିଲା। ଗାଁ ମୁଣ୍ଡରେ ଏକ ଅଣଓସାରିଆ ରାସ୍ତାରେ ଥିବା ଶାଗୁଆନ ଗଛରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେଠାରେ ଗାଡ଼ି ଛାଡ଼ି ଗଞ୍ଜେଇ ମାଫିଆ ଫେରାର୍ ହୋଇଯାଇଥିଲେ। ଗ୍ରାମବାସୀଙ୍କ ତରଫରୁ ଗଣିଆ ଥାନାକୁ ଖବର ଦେବା ପରେ ଗଣିଆ ଥାନା ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ସହିତ ଗଞ୍ଜେଇ ଜବତ କରିଥିଲେ। ଖବରପାଇ ତହସିଲ୍‌ଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ତାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ୨ଟି ବସ୍ତାରୁ ୪୧ କିଲୋ ଗଞ୍ଜେଇ ଜବତ ହୋଇଥିବା ତହସିଲ୍‌ଦାର ପ୍ରକାଶ କରିଛନ୍ତି। ଗାଡ଼ିଟି କନ୍ଧମାଳ ଅଞ୍ଚଳର ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏଥିରେ ସମ୍ପୃକ୍ତ ଗଞ୍ଜେଇ ମାଫିଆଙ୍କର ପତ୍ତା ମିଳିନାହିଁ।

## ନାଳରେ ପଡ଼ି ଜଣେ ମୃତ

ଓଡ଼ଗାଁ,୨୦।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ପରିବା ମାର୍କେଟକୁ ଲାଗି ରହିଥିବା ନାଳରେ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଓଡ଼ଗାଁ ପାଟଣାର ପ୍ରମୋଦ ଜେନା। ମଙ୍ଗଳବାର ସନ୍ଧ୍ୟାରେ ପ୍ରମୋଦ ସାଇକଲ ଯୋଗେ ପରିବା ମାର୍କେଟ ଆଡ଼କୁ ଯାଉଥିବାବେଳେ ମଝିରେ ନାଳ ଉପରେ ଥିବା ବ୍ରିଜ୍ ଗାର୍ଡୱାଲ୍‌ରେ ଗୋଡ଼ ଦେଇ ଅଟକିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ନିୟନ୍ତ୍ରଣ ହରାଇ ଗଭୀର ନାଳ ମଧ୍ୟକୁ ଖସିପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାକମାରେ ବାଲ୍ୟବିବାହ ସଚେତନତା

ଭାପୁର,୨୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ରାକମା ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ନମିତା ପାଟଯୋଶୀଙ୍କ ନେତୃତ୍ୱରେ ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଭାଗନେଇଥିଲେ। ନବରଙ୍ଗପୁର ପରେ ନୟାଗଡ଼ ଜିଲ୍ଲା ୨ୟ ସ୍ଥାନରେ ରହିଛି। ଏହାର ନିରାକରଣ ପାଇଁ ଏକମାତ୍ର ମାଧ୍ୟମ ହେଉଛି ଜନ ସଚେତନତା। ଏଥିପାଇଁ ଆମ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରତି ଶନିବାର କିଶୋରୀ ବାଳିକାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ମହାବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା

କଣ୍ଟିଲୋ,୨୦।୧(ସମିସ): କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଜଗଦିଶ ପ୍ରସାଦ ରଥ ଏବଂ ସମ୍ମାନିତ ଅତିଥି ରୂପେ ପ୍ରାଣକୃଷ୍ଣ ମହାରଣା, ଏବିଜି ସୁଜଳ ମହାରଣା, ସାଂସ୍କୃତିକ ସଂଘ ସୁମନ୍ତ କୁମାର ଜେନା, ଇଂରାଜୀ ବିଭାଗ ମୁଖ୍ୟ ଓମ୍ ପ୍ରକାଶ ସାହୁ, ପ୍ରଭାତ ବେହେରା, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥିଗଣ ଯୋଗଦେଇ ଶ୍ରୀନୀଳମାଧବଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତା ଯଥା- ଇଂରାଜୀ, ଓଡ଼ିଆ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ, ପେଣ୍ଟିଂ, ମେହେନ୍ଦି, ନୃତ୍ୟ ଓ ସଂଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ବର୍ଗରେ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସୀମା ସାହୁ ଓ ଯୁକ୍ତ ୩ ବର୍ଗରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଶୁଭ୍ରଜ୍ୟୋତି ମହାରଣା ଲିଟେରାରୀ ଚାମ୍ପିଅନ ହୋଇଥିଲେ।

# 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ



ନୟାଗଡ଼,୨୦।୧(ସମିସ): ଜାତୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ୧୫୦ ତମ ବାର୍ଷିକୀ ପାଳନ ଅବସରରେ ବ୍ଲକ୍ ସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଇଟାମାଟି ଇନଡୋର ଷ୍ଟାଡିୟମ୍ ଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟା, ଇଟାମାଟି ପଞ୍ଚାୟତ ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭୟ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦେଶପ୍ରେମ ଓ ଜାତୀୟ ଗୀତର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୁହିକ ବନ୍ଦେ ମାତରମ୍ ଗାନ ସହ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା। ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ମଧ୍ୟ ବିତରଣ କରାଯାଇଥିଲା। ଶରତ ଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା।

**ଗଣିଆ :** ଗଣିଆ ବ୍ଲକ ତରଫରୁ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ବାର୍ଷିକୀ ପାଳିତ ହୋଇଯାଇଛି । ପାଞ୍ଚ ଶହରୁ ଅଧିକ ବିଦ୍ୟାର୍ଥୀଙ୍କ ଗହଣରେ ବ୍ଲକସ୍ତରୀୟ ସାମୁହିକ ରାଷ୍ଟ୍ରଗାନ, ସ୍ୱଦେଶୀ ସଂକଳ୍ପ ପତ୍ର ପାଠ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡ଼ିଓ ଲବନେନ୍ଦୁ ମହାନ୍ତି, ଅତିରିକ୍ତ ବିଡ଼ିଓ ରତନଲାଲ ଲୋହରା, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ,ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ପ୍ରଶିକ୍ଷକ ଶିକ୍ଷକ କିଶୋର କୁମାର ପଣ୍ଡା, ରଶ୍ମୀରଞ୍ଜନ ବେହେରା ଯୋଗ ଦେଇ ସବୁଜ, ସୁନ୍ଦର,ସ୍ୱଚ୍ଛ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟରେ ରାଷ୍ଟ୍ରୀୟଚେତନା ଜାଗ୍ରତ କରିବା ନିମନ୍ତେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ପ୍ରତ୍ୟକ ଭାରତୀୟ ଗାନ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଛାତ୍ରୀ ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଓଡ଼ଗାଁ :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଦ୍ୱାରା ଆୟୋଜିତ ଜାତୀୟ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ୧୫୦ ତମ ବାର୍ଷିକ ପାଳନ ଅବସରରେ ପ୍ରାୟ ୭ ଶହ ବିଦ୍ୟାର୍ଥୀଙ୍କ ଗହଣରେ ସମୁହ ଗାନ, ସ୍ୱଦେଶୀ ସଙ୍କଳ୍ପ ପତ୍ର ପାଠ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ୍ ରୋଡ କଲ୍ୟାଣୀ ମଣ୍ଡପ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ମୁଖ୍ୟ ଅତିଥି ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଏବଂ ବିଡିଓ ପ୍ରୀତିବାଳା ରଣା, ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସ୍ୱରୂପ ମିଶ୍ର, ସାର୍ଥକ ଷଡ଼ଙ୍ଗୀ, ଦେବୀ ପ୍ରସାଦ ପଣ୍ଡା, ନରେଶ ପାଣିଗ୍ରାହୀ ବିଚାରକ ଭାବେ ପ୍ରତିଯୋଗିତା ଗୁଡ଼ିକର ବିଚାର କରିଥିଲେ। ପ୍ରଶିକ୍ଷକ ଭାବଗ୍ରାହୀ ମହାପାତ୍ର, ରଞ୍ଜନ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ମିଶନ ପରିଚାଳକ ଏମ୍ ଶୁଭମ, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ନୀଳମାଧବ ମିଶ୍ର ସହଯୋଗ କରିଥିଲେ।

**ଖଣ୍ଡପଡ଼ା :** ଖଣ୍ଡପଡ଼ା ବ୍ଲକ ପରିସରରେ ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ଓ ଖଣ୍ଡପଡ଼ା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଆଜି ଅପରାହ୍ନରେ ୧୫୦ ତମ ବାର୍ଷିକ ମଣ୍ଡଳ ସ୍ତରୀୟ ବନ୍ଦେମାତରମ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସେହିପରି ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ସଂଯୋଜନା କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖଣ୍ଡପଡ଼ା ଏନଏସି କଲ୍ୟାଣ ମଣ୍ଡପରେ ଏନଏସି ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଦେମାତରମ ବନ୍ଦନା କାର୍ଯ୍ୟକ୍ରମରେ ପୌରାଧକ୍ଷ୍ୟା ଆରତୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବନ୍ଦେ ମାତରମ ଗାନ କରିବା ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



